## ବିଭିନ୍ନ ସ୍ଥାନରେ ଯୋଗ ଦିବସ ପାଳିତ

# ଯୋଗ ମାନସିକ ଶାନ୍ତି ଓ ଆଧ୍ୟାତ୍ମିକ ବିକାଶର ମାଧ୍ୟମ



**ରେମୁଣା:** ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ରେମୁଣା ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ଆୟୋଜିତ ଯୋଗ ଶିବିରରେ ସରକାରୀ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଯୋଗଦେଇ ଯୋଗାଭ୍ୟାସ କରିଥିଲେ। ରେମୁଣା ବ୍ଲକ୍ ଅଧୀନ ଭୀମପୁରା ପଞ୍ଚାୟତ ପଡ଼ିଆରେ ବ୍ଲକ୍‌ସ୍ତରୀୟ ଯୋଗ ଶିବିର ଆୟୋଜିତ ହୋଇଥିଲା। ରେମୁଣା ବିଧାୟକ ପ୍ରତିନିଧି କାର୍ତ୍ତିକ ଚନ୍ଦ୍ର ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୋଗର ଗୁରୁତ୍ୱ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସେ କହିଥିଲେ ଯେ, ଯୋଗ କେବଳ ଶାରୀରିକ ସୁସ୍ଥତା ପାଇଁ ନୁହେଁ, ଏହା ମାନସିକ ଶାନ୍ତି ଓ ଆଧ୍ୟାତ୍ମିକ ବିକାଶର ମଧ୍ୟ ଏକ ପ୍ରମୁଖ ମାଧ୍ୟମ। ଏହି ଅବସରରେ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି, ରେମୁଣା ବିଡିଓ ସାର୍ଥକ ସୌରଭ ମହାପାତ୍ର, ରେମୁଣା ବ୍ଲକ୍ ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ନାରାୟଣ ମହନ୍ତ, ଜିଲ୍ଲା ବିଜେପି ସମ୍ପାଦିକା ରବିତା ଦାସ, ପୂର୍ବତନ ରେମୁଣା ବ୍ଲକ୍ ଅଧ୍ୟକ୍ଷ ଗୋପୀନାଥ ସେନାପତି, ଜିଲ୍ଲା ବିଜେପି ଏସ୍‌ସି. ମୋର୍ଚ୍ଚା ସାଧାରଣ ସମ୍ପାଦକ ଗଜେନ୍ଦ୍ର ସେଠୀ, କମଳା ବିନ୍ଧାଣୀ, କୃଷ୍ଣ ଚନ୍ଦ୍ର ସାହାଙ୍କ ସମେତ ବହୁ ଯୋଗପ୍ରେମୀ ଓ ଯୋଗାର୍ଥୀ ଯୋଗଦେଇ ବିଭିନ୍ନ ଯୋଗାସନ ଓ ପ୍ରାଣାୟାମ ଅଭ୍ୟାସ କରିଥିଲେ। ଅନ୍ୟପକ୍ଷରେ ରେମୁଣା ଏନ୍.ଏ.ସି. ପରିସରରେ କାର୍ଯ୍ୟନିର୍ବାହୀ ଅଧିକାରୀ କମଳଲୋଚନ ଦାସଙ୍କ ସଭାପତିତ୍ୱରେ



ଆୟୋଜିତ ଅନ୍ୟ ଏକ ଯୋଗ ଶିବିରରେ ମଧ୍ୟ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଯୋଗଦେଇ ଯୋଗାଭ୍ୟାସ କରିଥିଲେ। କାଉନସିଲର୍ ସିବୁନ ରୟଙ୍କ ସମେତ ଅନେକ ଜନପ୍ରତିନିଧି ଓ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ।

**ନୀଳଗିରି :** ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଯୋଗ ଶିବିରରେ ଅଧ୍ୟକ୍ଷା ମଞ୍ଜୁଶ୍ରୀ ପଣ୍ଡାଙ୍କ ସହ ବରିଷ୍ଠ ଅଧ୍ୟାପିକା ମମତା ବରାଳ, ମଣିମାଳା ବିଶ୍ୱାଳ, ମମତା ପ୍ରିୟଦର୍ଶିନୀ ସାହୁ, ଅଧ୍ୟାପିକା ମୋନାଲିସା ଭୋଳ, ସୁଷମା ସିଂହ, ଭାଗ୍ୟବତୀ ସ, ପବିତ୍ରା ବେହୁରିଆ, ନିରୁପମା ନାୟକ, ବରିଷ୍ଠ ଅଧ୍ୟାପକ ଡ. ହରିପଦ ଦାଶ, ଗ୍ରାନ୍ଥଗାରିକ ପ୍ରସନ୍ନ ମହାପାତ୍ର, କାର୍ଯ୍ୟାଳୟ କର୍ମଚାରୀ ବ୍ରହ୍ମାନନ୍ଦ ଗିରି, ସୁନିତା ନାୟକ ଉପସ୍ଥିତ ଥିବାବେଳେ ଏନଏସ୍‌ଏସ୍ ଓ ୟୁଥ୍ ରେଡକ୍ରସ୍‌ର ସଦସ୍ୟା ଉପସ୍ଥିତ ଥିଲେ। ଏନ୍‌ଏସ୍‌ଏସର ଅଧିକାରିଣୀ ଅଧ୍ୟାପିକା ମୌସୁମୀ ଭୋଳ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବାବେଳେ ୟୁଥ୍ ରେଡକ୍ରସର କାଉନସେଲର ଡ.ପ୍ରଦୀପ୍ତ କୁମାର ମିଶ୍ର ଯୋଗ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ।

**ଜଳେଶ୍ୱର:** ଜଳେଶ୍ୱର ପଞ୍ଚାୟତ ସମିତି ଆନୁକୂଲ୍ୟରେ ଅନ୍ତର୍ଜାତୀୟ ଯୋଗ ଦିବସ ନୂଆ ବଜାର ବହୁମୁଖି ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଟ୍ରେନ୍‌ର କାମାକ୍ଷା ପ୍ରସାଦ ମହାନ୍ତି, ଶାଖା ଟ୍ରେନ୍‌ର ପ୍ରାକ୍ତନ ଅଧ୍ୟାପିକା ଇନ୍ଦୁମତି



ଗିରି, ସୁବ୍ର ଜ୍ୟୋତି ମହାନ୍ତି, ଓମ୍ ପ୍ରାକାଶ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଯୋଗାଭ୍ୟାସ ହୋଇଥିଲା। ପଞ୍ଚାୟତ ସମିତି ଅଧ୍ୟକ୍ଷ ମାନସ କୁମାର ଜେନା, ପ୍ରାକ୍ତନ ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନ, ଏବିଡିଓ, ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ ସିଂ, ଆଇନଜୀବୀ ଫାଲଗୁନୀ ପାଣିଗ୍ରାହୀ, ବିଶେଷ ଅତିଥି ଅଧ୍ୟାପିକା ଡ. ପୁଷ୍ପାଞ୍ଜଳି ପାଇକରାୟ, କାଳୀଚରଣ ଦାସ ପ୍ରମୁଖ ଯୋଗ ପ୍ରାଣାୟାମ ଅଭ୍ୟାସ କରିଥିଲେ। କାଉନସିଲର ଶିବ ନାରାୟଣ ମହାପାତ୍ର, ଚନ୍ଦନ ଦାସ, ସୁମତି ଦେ, ସୁକୁମାର ରଣା, ବନମାଳୀ ଧଳ, ବିକାଶ ଧର, ବିରେନ୍ଦ୍ର ପରିଡ଼ା, ସମର କରଣ, ଦେବଯାନୀ ଅଣ୍ଡିଆ, ସୁମତି ରଣା, ମୁକ୍ତା ରାଣୀ ପାଲ୍, ତାପସ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଥିଲେ।

**କାଳିପଦା:** ଜାମଶୂଳୀ ସ୍ଥିତ ଲକ୍ଷ୍ମୀ ନାରାୟଣ କଲେଜ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ଶିବିରକୁ କଲେଜ ଅଧ୍ୟକ୍ଷ ପ୍ରଧ୍ୟାପକ ଦିବ୍ୟେନ୍ଦୁ ଗିରି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସାମୂହିକ ଯୋଗାଭ୍ୟାସ ଶିବିରରେ ଏନ୍‌ଏସ୍‌ଏସ୍ ମହିଳା ୟୁନିଟ ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ମିତାରାଣୀ ଜେନା, ଯୁବ ରେଡ୍‌କ୍ରସ ଅଫିସର ଅଧ୍ୟାପକ ବାଙ୍କିମ ଚନ୍ଦ୍ର ମୈକାପ, ଅଧ୍ୟାପିକା ତନୁଶ୍ରୀ ନାୟକ, ସ୍ୱାଗତିକା ଜେନା, ସବନମ ଖାତୁନ, ଅଧ୍ୟାପକ ମୟୁଖ ମଣ୍ଡଳ, ସେକ୍ ସବିର ହୋସେନ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ



ଦେବେନ୍ଦ୍ର ଘୋଷ, ଶଶିକାନ୍ତ ଜେନା, ବଂଶୀଧର ନାୟକ, ଲିଜା ରାଣୀ ମାନ୍ନା ପ୍ରମୁଖ ଯୋଗ ଦେଇଥିଲେ। ପଦାର୍ଥ ବିଜ୍ଞାନ ବିଭାଗ ଅଧ୍ୟାପକ ପ୍ରଭାତ ରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

**ନୀଳଗିରି:** ନୀଳଗିରି ବ୍ଲକ୍ ଅଧୀନ ପିଠାହଟା ପଞ୍ଚାୟତର ସାନ ନୂଆଗାଁ ଗ୍ରାମସ୍ଥିତ ମାଲାବାର୍ ଗ୍ରୁପ୍‌ର 'କ୍ଷୁଧା ମୁକ୍ତ ବିଶ୍ୱ' ମିଶନ ଅଧୀନରେ ପରିଚାଳିତ ମାଇକ୍ରୋ ଲର୍ଣ୍ଣିଂ ସେଣ୍ଟର (ଏମ.ଏଲ.ସି.) ସାନ ନୂଆଗାଁ ପକ୍ଷରୁ ଆଜି ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଛି। ଏହି ଅବସରରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଅଲିଭା ସିଂଙ୍କ ସମେତ ବହୁ ଛାତ୍ରଛାତ୍ରୀ ଯୋଗାସନ ପ୍ରଦର୍ଶନ କରି ଯୋଗର ଗୁରୁତ୍ୱ ସମ୍ପର୍କରେ ସଚେତନତାର ବାର୍ତ୍ତା ଦେଇଥିଲେ। ଏମ୍‌ଏଲ୍‌ସି. ସାନ ନୂଆଗାଁର ପ୍ରଶିକ୍ଷକ ଜୟବର୍ଦ୍ଧନ ସିଂ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ଯୋଗାସନ ଓ ପ୍ରାଣାୟାମ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସେ ନିୟମିତ ଯୋଗଅଭ୍ୟାସ ଦ୍ୱାରା ଶାରୀରିକ ଓ ମାନସିକ ସୁସ୍ଥତା ବଜାୟ ରଖିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ କିରଣ ସିଂ, ରଞ୍ଜିତା ସିଂ, ଟିକି ସିଂ, ଗୁଡ଼ୁଲୁ ସିଂ, ଚିକୁ ସିଂ, ଯଶପା କବାଟ, ଆଶିଷ କବାଟ, ଶାବରାଣୀ ନାୟକ, ଟୁକୁ ନାୟକ, ରିତେଶ ନାୟକ, ସମ୍ବିତ ନାୟକଙ୍କ ସମେତ ଅନ୍ୟାନ୍ୟ ଛାତ୍ରଛାତ୍ରୀ ଯୋଗଦେଇ ଯୋଗାଭ୍ୟାସ କରିଥିଲେ।

**ରାଜଘାଟ:** ଓଡ଼ିଶା ପ୍ରାନ୍ତ ଅଖିଳ ଭୂମଣ୍ଡଳୀୟ ସର୍ବ ଶିରୋମଣି ମୁନି ସମାଜ ଗୁଡ଼ିଖାଲ ଶାଖା ଓ ଜନସେବା କେନ୍ଦ୍ର ପକ୍ଷରୁ ବସ୍ତା ବ୍ଲକ୍ ଅଧୀନ ତେନ୍ତୁଳିଆସ୍ଥିତ ଶିବମୁନି ସମାଜ ସମ୍ମୁଖରେ ଆଜି ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଯୋଗଗୁରୁ ଭାବେ ଶାଖାର ପ୍ରଚାର ସଙ୍ଗଠନ ମନ୍ତ୍ରୀ ଯୋଗୀ ଅରୁଣ ଦାସ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। 'ଯୋଗ ଦ୍ୱାରା ରୋଗମୁକ୍ତି ଓ ଜୀବନମୁକ୍ତି' ଉପରେ



ଏକ ସଚେତନତା ରାଲି ଶାଖା ଠାରୁ ଆରମ୍ଭ ହୋଇ ଗୁଡ଼ିଖାଲ ବଜାର ଓ ତେନ୍ତୁଳିଆ ଗ୍ରାମ ପରିକ୍ରମା କରିଥିଲା। ଅତିଥି ଭାବେ ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ, ସ୍ଥାନୀୟ ସରପଞ୍ଚ ଅନ୍ନପୂର୍ଣ୍ଣା ସେନାପତି, ସୁଧାଂଶୁ ମୁନି, ଦାମୋଦର ମୁନି, ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ଅଶ୍ୱନୀ କୁମାର ଦାସ ପ୍ରମୁଖ ଯୋଗଦେଇ ଥିଲେ। ହରିପଦ ମୁନି, ଗୋପାଳ କୃଷ୍ଣ ମୁନି, ବଳରାମ ମୁନି, ଅକବର ମୁନିଙ୍କ ସମେତ ଯୋଗ ଶିକ୍ଷୟିତ୍ରୀ ବନ୍ଦିନୀ ଜେନା ଓ କମଳ କାମିନୀଦେ ପ୍ରମୁଖ ପରିଚାଳନା କରିଥିଲେ। ନିମାଇଁ ବେହେରା ଓ ଅରବିନ୍ଦ ଚୌଧୁରୀ ସହଯୋଗ କରିଥିଲେ।

**ବାଲେଶ୍ୱର(ଉତ୍ତର):** ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍ ଗୋପୀନାଥପୁର ସ୍ଥିତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଡା. ରାଜୀବ କୁମାର ମାଝୀ ଯୋଗଦେଇ ଯୋଗଦେଇଥିଲେ। ମୁଖ୍ୟବ୍ୟକ୍ତା ଭାବେ ବରିଷ୍ଠ ସାମ୍ବାଦିକ ବିଶ୍ୱମ୍ବର ଦାସ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ମୁରଲୀ ମୋହନ ମହାନ୍ତି, ୱାର୍ଡସଭ୍ୟ ପରେଶଚନ୍ଦ୍ର ପ୍ରଧାନ, ସମାଜସେବୀ ବିପିନ ବିହାରୀ ପ୍ରଧାନ ପ୍ରମୁଖ ଯୋଗ ଦେଇ ନିରୋଗ ରହିବା ପାଇଁ ନିଜର ଜୀବନ ଶୈଳୀକୁ ପରିବର୍ତ୍ତନ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଯୋଗଶିକ୍ଷକ ଭାବେ ସସ୍ମିତା ନାୟକ, ସୁଶାନ୍ତ କୁମାର ସାମଲ ଯୋଗଦେଇ ଉପସ୍ଥିତ ଲୋକଙ୍କୁ ଯୋଗଭ୍ୟାସ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଚିକିତ୍ସାଳୟ ପକ୍ଷରୁ ଚିତ୍ରାଙ୍ଗଦା ଦଳାଇ, ରଜନୀକାନ୍ତ ଘୋଷ, ମୃଗାଙ୍କ ଜେନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



## ସୋର ନାଗରିକ ମଞ୍ଚର ପଞ୍ଚମ ବାର୍ଷିକ ସମ୍ମିଳନୀ

# ଜଳ ନିଷ୍କାସନ ଓ ଜାତୀୟ ରାଜପଥ ମୁଖ୍ୟ ପ୍ରସଙ୍ଗ

**ସୋର,୨୧।୬(ସମିସ):** ସୋର ଅଞ୍ଚଳର ବିକାଶ ଧାରାରେ ନାଗରିକ ମଞ୍ଚ ସର୍ବଦା ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବହନ କରୁଛି ବୋଲି ମଞ୍ଚର ପଞ୍ଚମ ବାର୍ଷିକ ସମ୍ମିଳନୀରେ ଅତିଥି ଓ ବକ୍ତାମାନେ ମତ ପ୍ରକାଶ କରିଛନ୍ତି। ସୋର ପୌରପାଳିକାରେ କ୍ରମ ବର୍ଦ୍ଧିଷ୍ଣୁ ଜନସଂଖ୍ୟା ତତ୍‌ସହିତ କୋଠାବାଡି ନିର୍ମାଣରେ କୌଣସି କଟକଣା ନଥିବା ଯୋଗୁଁ ଜଳ ନିଷ୍କାସନ ମୁଖ୍ୟ ପ୍ରସଙ୍ଗ ହୋଇଛି। ବସ୍‌ଷ୍ଟାଣ୍ଡ ,୧୬ ନମ୍ବର ଜାତୀୟ ରାଜପଥର ଉଭୟ ପାର୍ଶ୍ୱର୍ କଲେଜ ଛକ ଠାରୁ ପାଇକାଲୀ ପର୍ଯ୍ୟନ୍ତ ଜଳ ନିଷ୍କାସନ ବ୍ୟବସ୍ଥା ରାଜନୈତିକ ପଶାପାଲିରେ ଚାପିହୋଇ ରହିଛି। କଲେଜ ଛକ ଏବଂ ଉତ୍ତରେଶ୍ୱର ଗଳାପୋଲ ସମ୍ପ୍ରସାରଣ ଅନିଶ୍ଚିତତା ମଧ୍ୟରେ ଗତିକରୁଛି। ସୋର ଡାକ୍ତରଖାନାକୁ ବିଶେଷଜ୍ଞ ଡାକ୍ତର ଯୋଗାଇ ଦେବା ସହ ତୁରନ୍ତ ଟ୍ରମା ସେଣ୍ଟର ଖୋଲାଯିବା ପାଇଁ ସମ୍ମିଳନୀରେ ଦାବି ହୋଇଛି। ରବିବାର ପୂର୍ବାହ୍ନରେ ସ୍ଥାନୀୟ ପ୍ରାଥମିକ ଶିକ୍ଷକଭବନ




ସଭା ଗୃହରେ ନାଗରିକ ମଞ୍ଚର ପଞ୍ଚମ ବାର୍ଷିକ ସମ୍ମିଳନୀକୁ ଅତିଥିମାନେ ଉଦ୍‌ଘାଟନ କରିଥିବାବେଳେ ପ୍ରାରମ୍ଭରେ ତ୍ରିବେଣୀ କଳାକେନ୍ଦ୍ରର ଛାତ୍ରଛାତ୍ରୀଙ୍କ ଦ୍ୱାରା ଭାରତ ଗୀତିକା ଗାନ କରିଯାଇଥିଲା। ଏହିସଭାରେ ନାଗରିକ ମଞ୍ଚର ସଭାପତି ନେତ୍ରାନନ୍ଦ ରାଉତ ଅଧ୍ୟକ୍ଷତା କରିଥିଲେ। ମଞ୍ଚର ସମ୍ପାଦକ ଉଦ୍ଧବ ଚରଣ ବିଶ୍ୱାଳ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଉପସଭାପତି ମାୟାଧର ନାୟକ ୨୦୨୫ ରୁ ୨୦୨୬ ମସିହା ପର୍ଯ୍ୟନ୍ତ ମଞ୍ଚ ତରଫରୁ ଗ୍ରହଣ କରାଯାଇ ଥିବା ବିଭିନ୍ନ ଉନୟନ୍ନମୂଳକ କାର୍ଯ୍ୟ ଓ ଆଗାମୀ କାର୍ଯ୍ୟକ୍ରମ ଉପରେ ସୂଚନା ପ୍ରଦାନ କରିଥିଲେ। ସୋର ବିଧାୟକ ମାଧବ ଧଡ଼ା, ପୂର୍ବତନ ବିଧାୟକ ସୁରେନ୍ଦ୍ର ପ୍ରମାଣିକ, ସୋର ପୌର ପାଳିକା କାର୍ଯ୍ୟନିବାହୀ ଅଧିକାରୀ ବିଶ୍ୱରଂଜନ ପ୍ରଧାନ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗିରିଶ ଚନ୍ଦ୍ର ଦାଶ, ଏସ ଡି ପି ଓ ଶୁଭ୍ରାଂଶୁ ଶେଖର ନାୟକ, ସୋର ଥାନା ଭାରପ୍ରାପ୍ତ ଅଧିକାରୀ ଦେବରାଜ ଜେନା, ଖଇରା ନାଗରିକ ମଞ୍ଚର ସଭାପତି ଶରତ ଚନ୍ଦ୍ର ବିଶ୍ୱାଳ, ନବକିଶୋର ଦାସ, ଡକ୍ଟର ଶରତ ଚନ୍ଦ୍ର ମହାନ୍ତି, ନିତ୍ୟାନନ୍ଦ କର ପ୍ରମୁଖ ନାଗରିକ ମଞ୍ଚର ବୟୋଜ୍ୟେଷ୍ଠ ସଦସ୍ୟ ମାନେ ଯେଉଁଭଳି ଭାବେ ଜନ ହିତକର କାର୍ଯ୍ୟ କରିଚାଲିଛନ୍ତି ତାହା ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରି ପାରିଛି ବୋଲି ମତବ୍ୟକ୍ତ କରିଥିଲେ। ମଞ୍ଚର ଉପଦେଷ୍ଟା ଦାମୋଦର ଦାଶମହାପାତ୍ର ମଞ୍ଚ ଆବାହନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ନାଗରିକ ମଞ୍ଚ ପୂର୍ବତନ ସମ୍ପାଦକ ଡ. ନରହରି ନାୟକ ଏବଂ ସୋର ଅଞ୍ଚଳର କୃତି ଛାତ୍ର ଓଏଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ରବୀନ୍ଦ୍ର ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ମନୀନ୍ଦ୍ର ଦୀକ୍ଷିତ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ପ୍ରଦୀପ ଦାଶ, ଅଦୈତ୍ୟ କର,ସୁରେନ୍ଦ୍ର ପାଣିଗ୍ରାହୀ,ଚିତ୍ତରଞ୍ଜନ ଦାଶ,ମନୋଜ ରାୟ ପରିଚାଳନା କରିଥିଲେ।

# ରକ୍ତଦାନ ଶିବିର; ୨୭୦ ୟୁନିଟ୍ ସଂଗ୍ରହ




**ଲଙ୍ଗଳେଶ୍ୱର,୨୧।୬(ସମିସ):** ବାଲେଶ୍ୱର ରକ୍ତ ଭଣ୍ଡାରରେ ରକ୍ତର ଅଭାବକୁ ଦୃଷ୍ଟିରେ ରଖି ବସ୍ତା ବିଧାୟିକା ସୁବାସିନୀ ଜେନାଙ୍କ ଆହ୍ୱାନ କ୍ରମେ ବାଲିଆପାଳ ବ୍ଲକରେ ଆୟୋଜିତ ଶିବିରରୁ ଜୁନ୍ ମାସରେ ମୋଟ ୨୭୦ୟୁନିଟ ରକ୍ତ ସଂଗୃହିତ ହୋଇଛି। ଶେଷ କ୍ୟାମ୍ପ ୨୨ ନମ୍ବର ଜୋନସ୍ତରୀୟ ବିଶାଳ ରକ୍ତ ଦାନ ଶିବିର କୁଣ୍ଡୁଳି ପଞ୍ଚାୟତ ଅଧିନସ୍ଥ ନିମପଦା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୨୨ନଂ ଜୋନ୍ ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ, ବେଣୁଧର ଜେନା, ସମାଜସେବୀ ଗୋବିନ୍ଦ ପ୍ରସାଦ ଦାସ, ବରିଷ୍ଠ ନେତା ଅଜୟ କୁମାର ସାମଲ, କୁଣ୍ଡୁଳି ସରପଞ୍ଚ ଜୟନ୍ତ ଦାସ, ସମିତି ସଦସ୍ୟା ନମିତା ମଲ୍ଲିକ, ସୀମନ ଦାସ ମହାପାତ୍ର, ଦୁର୍ଜୟ ମହାନ୍ତି, ଦେବେନ୍ଦ୍ର ମଣ୍ଡଳ, କୈଳାସ ମଲ୍ଲିକ ପ୍ରମୁଖ ରକ୍ତ ଦାତାଙ୍କୁ ଉତ୍ସାହିତ କରିଥିଲେ। ୨୨ନଂ ଜୋନ୍ ଅଧୀନ ସମସ୍ତ ପଞ୍ଚାୟତର ରକ୍ତ ଦାତାମାନେ ମେଗା ରକ୍ତଦାନ ଶିବିରରେ ସ୍ୱଇଚ୍ଛାରେ ଯୋଗଦେଇ ନିଜର ଅମୂଲ୍ୟ ରକ୍ତଦାନ କରିଥିଲେ। ଏହି ଶିବିରରୁ ମୋଟ ୮୭ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ଯୁବ ନେତା ସୁଶାନ୍ତ ବେହେରା, ପ୍ରମୋଦ ମଣ୍ଡଳ,ତାପସ ବିଶ୍ୱାଳ, ସୀମନ ସାମଲ, ପପୁ ରାଉଳ, ଦୀପକ ବିଶ୍ୱାଳ, ଜୟକୃଷ୍ଣ ନାୟକ, ମୁକେଶ ବେଜ, ପୂର୍ଣ୍ଣଚନ୍ଦ୍ର ସାହୁ, ଭୀଷ୍ମ ମଲ୍ଲିକ, ପ୍ରତି ପ୍ରକାଶ ଦାସ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରାକୃତିକ ଓ ପ୍ରଗତିଶୀଳ କୃଷି ଆଲୋଚନା ଓ କର୍ମଶାଳା

**ସିମୁଳିଆ,୨୧।୬(ସମିସ):** ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଉପଲକ୍ଷେ ସିମୁଳିଆ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ପକ୍ଷରୁ ବିକାଶ ଧାରା ଓଡ଼ିଶା ସାରା ବ୍ଲକ୍‌ସ୍ତରୀୟ କୃଷକ ସମ୍ବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରମାକାନ୍ତ ପରିହାରିଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷ ବାବାଜୀ ଚରଣ ମଲ୍ଲିକ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା କୃଷକ ମୋର୍ଚ୍ଚାର ସଭାପତି ତାପସ କୁମାର ମହାନ୍ତି, କୃଷି ଜିଲ୍ଲା ଅଧିକାରିଣୀ ଭଗିନୀ ନବନିତା, ରାଜ୍ୟ କୃଷକ ମୋର୍ଚ୍ଚା ସଂଯୋଜକ କୈଳାସ ଚନ୍ଦ୍ର ବାରିକ, ଜିଲ୍ଲା ପରିଷଦ ରମେଶ ଚନ୍ଦ୍ର ସାହୁ, ସ୍ୱରୂପାନନ୍ଦ ପତି, ଉଦ୍ୟାନ କୃଷି ମୁଖ୍ୟ ଜ୍ୟୋତି ପ୍ରକାଶ ମହାପାତ୍ର, ରାଣୀତାଲ କୃଷି ଗବେଷଣା କେନ୍ଦ୍ରର ବୈଜ୍ଞାନିକ ଗାୟତ୍ରୀ ନାୟକ, ଗୋଷ୍ଠୀ କୃଷି ଅଧିକାରିଣୀ ବି.ପି. ରୋଜାଲିନ, ନିରାକାର ପଣ୍ଡା, ଅକ୍ଷୟ ବିଶ୍ୱାଳ, ଉତ୍ତମ କୁମାର ମହାନ୍ତି ଓ ବୀରେନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ଥିଲେ।

# ବିପଦଡ଼ାକୁଛି ମୁକୁଳା ସବ୍‌ଷ୍ଟେସନ

**ସୋର,୨୧।୬(ସମିସ):** ୧୬ ନଂ ଜାତୀୟ ରାଜପଥର ସର୍ଭିସରୋଡ଼ କାର୍ଯ୍ୟକୁ କମ୍ପାନୀ ନିଜର ମନମାନିରେ କରୁଥିବାରୁ ଅସନ୍ତୋଷ ବଢ଼ିବାରେ ଲାଗିଛି। କାମ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ଖାଲଖମା ରହିଛି। ଯାହାଦ୍ୱାରା ବିଭିନ୍ନ ସ୍ଥାନରେ ଛୋଟବଡ଼ ଦୁର୍ଘଟଣାମାନ ଘଟୁଛି। ଉତ୍ତରେଶ୍ୱର ବସ୍‌ଷ୍ଟାଣ୍ଡ ପାଖରୁ କଲେଜଛକ ଯାଏ ପଶ୍ଚିମପାଶ୍ୱର୍ ସର୍ଭିସ ରୋଡ୍ କାର୍ଯ୍ୟ ବେଳେ ବିଦ୍ୟୁତଖୁଣ୍ଟ ସମ୍ପ୍ରସାରଣ ନ କରିବା ଓ ଏହି ରାସ୍ତାର ଅନ୍ୟତମ ଜନଗହଳିପୂର୍ଣ୍ଣ ବଡ଼ଖୁରୀ ଛକ ଠାରେ ଥିବା ଏକ ସବଷ୍ଟେସନକୁ ସମ୍ପ୍ରସାରଣ ନକରି ମୁକୁଳା ରଖାଯିବା ଦ୍ୱାରା ଏହା ବିପଦସଙ୍କୁଳ ଅବସ୍ଥାରେ ରହିଛି। ରାସ୍ତାପାଶ୍ୱର୍ରେ ଥିବା ଏହି ବିପଦସଙ୍କୁଳ ସବ୍‌ଷ୍ଟେସନଟି ଯେକୌଣସି ମୁହୂର୍ତ୍ତରେ ବିପଦକୁ ନିମନ୍ତ୍ରଣ କରୁଛି ଏହାକୁ ଅସ୍ୱୀକାର କରାଯାଇ ନ ପାରେ। ଅଳ୍ପ ଦୂରତାରେ ମଧ୍ୟ ଏକ ପେଟ୍ରୋଲ ପମ୍ପ ରହିଛି। ରାସ୍ତାର ଅପରପାଶ୍ୱର୍ରେ ଥାନା ଓ ତହସିଲ ଭଳି ଗୁରୁତ୍ୱପୂର୍ଣ୍ଣ ଅଫିସ ଥିବା ସହିତ ସମାନ ଦୂରତାରେ ମଧ୍ୟ ଜଳଯୋଗାଣ ଓ କୃଷିବିଭାଗ



କାର୍ଯ୍ୟାଳୟ ରହିଛି। ଫଳରେ ଦୈନିକ ସକାଳରୁ ରାତିଯାଏ ସର୍ବଦା ଲୋକଗହଳି ସହିତ ଯାନବାହନ ଆଦି ଚଳପ୍ରଚଳ ମଧ୍ୟ ବହୁମାତ୍ରାରେ ହୋଇଥାଏ। ଏତଦ୍‌ବ୍ୟତୀତ ଏଠାରେ ଦୁର୍ଗାପୂଜା ମଣ୍ଡପ ଥିବାରୁ ସୋରରେ ସର୍ବାଧିକ ଲୋକ ଦୁର୍ଗାପୂଜା ସମୟରେ ଏହି ମଣ୍ଡପ ନିକଟରେ ଭିଡ଼ ଲାଗିରହିଥାଏ। ମାତ୍ର ପୂଜାସମୟ ଆସିଲେ ସବଷ୍ଟେସନକୁ ତୁରନ୍ତ ସମ୍ପ୍ରସାରଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇ ଯାଆନ୍ତି। ଯାହାକି ବିଦ୍ୟୁତ ବିଭାଗ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ମଧ୍ୟ ବେଶ ଜଣାଅଛି। କିନ୍ତୁ ଉକ୍ତ ଦୁଇ ବିଭାଗ ମଧ୍ୟରେ ସମନ୍ୱୟର ଅଭାବରୁ କାମ ହୋଇପାରୁନାହିଁ। ଏହି ସବଷ୍ଟେସନ ଅପସରଣ ନିମନ୍ତେ ଗୁରୁତ୍ୱ ଦିଆଯାଉ ନ ଥିବାରୁ ସ୍ଥାନୀୟ ବ୍ୟବସାୟୀକ ପ୍ରତିଷ୍ଠାନ ଓ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି।

## ୫୭ ବର୍ଷର ପୁରୁଣା ହାଇସ୍କୁଲରେ ନାହିଁ ଶ୍ରେଣୀ ଗୃହ

# ବିପଦସଂକୁଳ କୋଠରିରେ ପଢୁଛନ୍ତି ୫୬୦ ଛାତ୍ରଛାତ୍ରୀ

**ଜଳେଶ୍ୱର,୨୧।୬(ସମିସ)**

ଜଳେଶ୍ୱର ବ୍ଲକ୍‌ର ନାମ୍ପୋ ପଞ୍ଚାୟତରେ ଥିବା ୫୭ବର୍ଷ ପୂରାତନ ବିଦ୍ୟାଳୟରେ ନାହିଁ ଆବଶ୍ୟକ ଶ୍ରେଣୀ ଗୃହ। ବିପଦସଂକୁଳ କୋଠରିରେ ଛାତ୍ରଛାତ୍ରୀମାନେ ପାଠ ପଢୁଥିବା ବେଳେ ଅଭିଭାବକ ପିଲାମାନଙ୍କୁ ବିଦ୍ୟାଳୟକୁ ଛାଡିବାକୁ ରାଜୁ ହେଉନାହନ୍ତି। ୧୯୭୦ ମସିହାରେ ସ୍ଥାପିତ ନାମ୍ପୋ ହାଇସ୍କୁଲରେ ଶିଶୁବାଟିକାରୁ ଦଶମ ପର୍ଯ୍ୟନ୍ତ ଶ୍ରେଣୀ ରହିଛି। ଏହି ନୋଡାଲ ହାଇସ୍କୁଲରେ ୫୬୦ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଶିକ୍ଷା ଗ୍ରହଣ କରୁଛନ୍ତି। ବିଦ୍ୟାଳୟର ବିସ୍ତିର୍ଣ୍ଣ ସ୍ଥାନ ରହିଥିଲେ ମଧ୍ୟ ଆବଶ୍ୟକ ଶ୍ରେଣୀଗୃହ ନାହିଁ। ନବମ ଓ ଦଶମ ଶ୍ରେଣୀରେ ୨ଶହରୁ ଅଧିକ ଛାତ୍ରଛାତ୍ରୀ ଥିଲେ ମଧ୍ୟ କାଗଜପତ୍ରରେ ସେକ୍‌ସନ ଚାଲୁଥିଲାବେଳେ ଗୋଟିଏ ଗୋଟିଏ ଶ୍ରେଣୀରେ ଶହେରୁ ଉର୍ଦ୍ଧ୍ୱ ପିଲା ବସୁଛନ୍ତି। ସେହିପରି ଚତୁର୍ଥ ଠାରୁ ସପ୍ତମ ପର୍ଯ୍ୟନ୍ତ ୪ଟି ଶ୍ରେଣୀରେ ତିନି ଶହ ଛାତ୍ରଛାତ୍ରୀ ପଢୁଥିଲେ ହେଁ ସେମାନଙ୍କ ଲାଗି ଶ୍ରେଣୀଗୃହ ନାହିଁ। ବହୁ ପୁରୁଣା ଆଜେବେଷ୍ଟସ୍ ଘରଟି ବିପଦ ସଂକଳ ଅବସ୍ଥାରେ ରହିଛି। ଶ୍ରେଣୀର ଝରକା, କବାଟ ନ ଥିବାରୁ ବର୍ଷାଦିନେ ବିଷଧର ସାପ, ପୋକ, ଜୋକ ଶ୍ରେଣୀ କକ୍ଷରେ ବୁଲୁଥିଲାବେଳେ ପକ୍ଷୀମାନେ ବସା ମଧ୍ୟ ଦିଅନ୍ତି। ସନ୍ତସନ୍ତିଆ ଅବସ୍ଥାରେ ପିଲାମାନେ ପାଠ ପଢିବାକୁ ବାଧ୍ୟ ହୁଅନ୍ତି। ଏସମ୍ପର୍କରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷ, ବିଡିଓ, ଆର.ଡି ବିଭାଗ, ଜିଲ୍ଲାପାଳଙ୍କୁ ଅବଗତ କରିଥିଲେ ମଧ୍ୟ ଅବସ୍ଥାର କୌଣସି ସୁଧାର ହେଉନାହିଁ। ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଲାଗି ଶୌଚାଳୟ ନିର୍ମାଣ ହୋଇଥିଲେ ମଧ୍ୟ ଏହା ଅସମ୍ପୂର୍ଣ୍ଣ ଅବସ୍ଥାରେ ରହିଛି। ଏ ନେଇ ଏସ୍‌ଏମ୍‌ସି ସଭାପତି ନିଖିଳ



ପରିଡ଼ା, ସମାଜସେବୀ ଜଗନ୍ନାଥ ପ୍ରଧାନ ପ୍ରମୁଖ ଶିକ୍ଷା ବିଭାଗର ସମସ୍ତ ଅଧିକାରୀଙ୍କ ସହିତ ଜିଲ୍ଲାପାଳଙ୍କୁ ଭେଟି ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ ମଧ୍ୟ ଏହାର କୌଣସି ସମାଧାନ ହୋଇପାରି ନାହିଁ। ସୂଚନା ଅଧିକାର ଆଇନ୍ ବଳରେ ଜଣାଯାଇଛି ଗତ ଦୁଇବର୍ଷ ତଳେ 'ମୋ ସ୍କୁଲ' ଅଭିଯାନରେ ପ୍ରାୟ ୧.୫ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲେ ମଧ୍ୟ ବିଦ୍ୟାଳୟର କୌଣସି କଳେବର ପରିବର୍ତ୍ତନ ହୋଇ ନାହିଁ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ୫ଟିରେ ୬୦ଟି ଡେକ୍ସ ଲାଗି ୭ ଲକ୍ଷ ୬୬ହଜାର ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ଉନ୍ନତୀକରଣ ଲାଗି ୪୦ଲକ୍ଷ ଟଙ୍କା ଓ ଶିକ୍ଷା ବିଭାଗରୁ ୫୯ ଲକ୍ଷ ଓ ୩୦ ଲକ୍ଷ, ପୂରାତନ ଛାତ୍ର ସଂଘରୁ ୫ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା କୁହାଯାଇଛି। ଏପରିକି ପଞ୍ଚାୟତରୁ ଶୌଚାଳୟ ଲାଗି ୧୦ ଲକ୍ଷ ଟଙ୍କା ଦିଆଯାଇଥିଲେ ମଧ୍ୟ ତାହା ଅଧାପନ୍ତରିଆ ହୋଇ ପଡି ରହିଛି। ଏହି ଖର୍ଚ୍ଚ ସମ୍ପର୍କରେ ବିଡିଓ କୌଣସି ସୂଚନା ଦେଇପାରୁ ନ ଥିବା ବେଳେ ଏତେ ପରିମାଣର ଟଙ୍କା କେଉଁଠାରେ ଖର୍ଚ୍ଚ ହୋଇଛି ତାହାର ତଦନ୍ତ କରାଯିବାକୁ ଅଭିଭାବକମାନେ ଜିଲ୍ଲାପାଳଙ୍କୁ ଦାବି ଜଣାଇଛନ୍ତି। ବିଦ୍ୟାଳୟରେ ଯଥାଶୀଘ୍ର ଅତିକମ୍‌ରେ ୪ଟି ନୂତନ ଶ୍ରେଣୀଗୃହ ନିର୍ମାଣ କରିବାକୁ ସତ୍ୟ ଶଂକର ଦାସ, ମୀନକେତନ ରଣା, ମଧୁସୂଦନ ଦେ, ନିବାସ ରଞ୍ଜନ ରଣା ପ୍ରମୁଖ ଦାବି କରିଛନ୍ତି। ନଚେତ୍ ବିଦ୍ୟାଳୟ ସମ୍ମୁଖରେ ଛାତ୍ରଛାତ୍ରୀଙ୍କ ସହିତ ଅଭିଭାବକମାନେ ଅନଶନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

## ଫୁଲମତୀ ହେମ୍ବ୍ରମ ବାଳିକା ଉଚ୍ଚ ବିଦ୍ୟାଳୟ

# ନାହାନ୍ତି ଗଣିତ ଶିକ୍ଷକ; ପାଠପଢ଼ା ବ୍ୟାଘାତ

ଶରତ,୨୧।୬(ସମିସ)




ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ଅନ୍ତର୍ଗତ ଶରତଠାରେ ୧୯୯୨ରେ ପ୍ରତିଷ୍ଠିତ ଫୁଲମତୀ ହେମ୍ବ୍ରମ ବାଳିକା ଉଚ୍ଚ ବିଦ୍ୟାଳୟ ଉପାନ୍ତ ଅଞ୍ଚଳରେ ଗରୀବ ଓ ଆର୍ଥିକ ଅନଗ୍ରସର ଶ୍ରେଣୀର ଛାତ୍ରୀଙ୍କୁ ଶିକ୍ଷାର ଆଲୋକ ବାଣ୍ଟୁଛି। ତେବେ ଉକ୍ତ ବିଦ୍ୟାଳୟରେ ଗଣିତ ଶିକ୍ଷକ ନ ଥିବାରୁ ଛାତ୍ରୀ ଗଣିତ ବିଷୟରେ ପଢ଼ିପାରୁନାହାନ୍ତି। ଏଥିସହ ଅନ୍ୟ କେତେକ ବିଭାଗରେ ଶିକ୍ଷକ ନ ଥିବା ଅଭିଯୋଗ ହେଉଛି। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

ବିଜେଡି ସରକାରଙ୍କ ସମୟରେ ଉକ୍ତ ବିଦ୍ୟାଳୟକୁ '୫-ଟି' ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ବିଦ୍ୟାଳୟର ଭିତ୍ତିଭୂମିକୁ ଉନ୍ନତୀକରଣ କରାଯାଇଛି। ଗତବର୍ଷ ଉକ୍ତ ବିଦ୍ୟାଳୟର ଗଣିତ ଶିକ୍ଷକ ଯତୀନ୍ଦ୍ର ପ୍ରଧାନ ଅବସର ଗ୍ରହଣ କରିବା ପରେ ବିଦ୍ୟାଳୟରେ ଗଣିତ ଶିକ୍ଷକ ପଦବୀ ଫାଙ୍କା ପଡିଥିଲା। ଏହା ସଂପର୍କରେ 'ସକାଳ' ଖବରକାଗଜରେ ୨୫।୬।୨୦୨୬ରେ ଖବର ପ୍ରକାଶ ପାଇଥିଲା। ଗଣିତ ଶିକ୍ଷକ ପଦବୀ ପୂରଣ କରାଯିବା ଦିଗରେ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଶିକ୍ଷାଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଉକ୍ତ ବିଦ୍ୟାଳୟକୁ ଗସ୍ତ କରି ସ୍କୁଲର ଗଣିତ ଶିକ୍ଷକ ପଦବୀ ଖାଲି ପଡ଼ିଥିବା ସଂପର୍କରେ ସଠିକ ଭାବେ ତଦନ୍ତ କରି ଅବଗତ ହେବା ପରେ ଗଣିତ ଶିକ୍ଷକ ପଦବୀ ପୂରଣ କରିବାକୁ ଯାଇ ଅବସର ଗ୍ରହଣ କରିଥିବା ଶିକ୍ଷକ ଯତୀନ୍ଦ୍ର ପ୍ରଧାନଙ୍କୁ ପୁନର୍ବାର ଉକ୍ତ ବିଦ୍ୟାଳୟରେ ଗଣିତ ବିଷୟ ପାଠ ପଢ଼ାଇବା ନିମନ୍ତେ ଏକବର୍ଷ (ଶିକ୍ଷାବର୍ଷ ୨୦୨୫-୨୬) କାଳ ପାଇଁ ଅତିଥି ଶିକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରିଥିଲେ। ତେବେ ଗଣିତ ଶିକ୍ଷକ ଯତୀନ୍ଦ୍ର ପ୍ରଧାନଙ୍କ ଏକବର୍ଷ ଶିକ୍ଷାଦାନ ଅବଧି ଗତ ମେ' ମାସ ୨୫ ତାରିଖ ଦିନ ଶେଷ ହୋଇଛି। ସେ ପୁନର୍ବାର ଅବସର ଗ୍ରହଣ କରିସାରିଛନ୍ତି। ତାଙ୍କ ଅବସର ଗ୍ରହଣ ପରେ ବର୍ତ୍ତମାନ ଉକ୍ତ ବିଦ୍ୟାଳୟରେ ଗଣିତ ଶିକ୍ଷାଦାନରେ ବ୍ୟାଘାତ ସୃଷ୍ଟି ହୋଇଛି। ବିନା ଗଣିତ ଶିକ୍ଷକରେ ଦଶମ ଶ୍ରେଣୀରେ ପଢୁଥିବା ଛାତ୍ରୀ କିଭଳି ଭାବେ ମାଟ୍ରିକ ବୋର୍ଡ ପରୀକ୍ଷା ଦେବେ ସେ ନେଇ ଛାତ୍ରୀମାନେ ଏକ ପ୍ରକାର ଅନିଶ୍ଚିତତା ଭିତରେ ରହିଛନ୍ତି।

ବର୍ତ୍ତମାନ ଉକ୍ତ ବିଦ୍ୟାଳୟରେ ନବମ ଶ୍ରେଣୀରେ ୫୭ ଜଣ ଓ ଦଶମ ଶ୍ରେଣୀରେ ୬୭ ଜଣ ଅର୍ଥାତ ମୋଟ ୧୨୪ ଜଣ ଛାତ୍ରୀ ଅଧ୍ୟୟନରତ ଅଛନ୍ତି। ବିଦ୍ୟାଳୟର ସମସ୍ତ ଛାତ୍ରୀ ହିନ୍ଦୀ ଭାଷାକୁ ତୃତୀୟ ଭାଷା ନେଇ ପାଠ ପଢୁଥିବାବେଳେ ହିନ୍ଦୀ ଭାଷା ଶିକ୍ଷକ/ ଶିକ୍ଷୟିତ୍ରୀ ମଧ୍ୟ ନିଯୁକ୍ତି ହୋଇନାହାଁନ୍ତି। ତେବେ ବିନା ଗଣିତ ଓ ହିନ୍ଦୀ ପାଠ ନ ପଢି ପିଲାମାନେ କେମିତି ମାଟ୍ରିକ ପରୀକ୍ଷା ଦେବେ, ଏ ନେଇ ସେମାନେ ଦ୍ୱନ୍ଦ୍ୱରେ ରହିଛନ୍ତି। ଗ୍ରୀଷ୍ମକାଳୀନ ଛୁଟି ପରେ ଜୁନ୍ ୧୮ ତାରିଖରେ ରାଜ୍ୟର ସମସ୍ତ ବିଦ୍ୟାଳୟ ଖୋଲିଥିବାବେଳେ ଫୁଲମତୀ ହେମ୍ବ୍ରମ ବାଳିକା ଉଚ୍ଚ ବିଦ୍ୟାଳୟରେ ଗଣିତ ଓ ହିନ୍ଦୀ ଶିକ୍ଷକ ନିଯୁକ୍ତ ହୋଇ ନ ଥିବାରୁ ପାଠପଢା ବାଧାପ୍ରାପ୍ତ ହୋଇଛି। ବିଜ୍ଞାନ ଓ ଅନ୍ୟାନ୍ୟ ବିଷୟରେ ପାଠ ପଢ଼ାଇବା ନିମନ୍ତେ ଶିକ୍ଷକ ନିଯୁକ୍ତି ହୋଇଛନ୍ତି। ତେବେ ଏହି ଆବଶ୍ୟକତା ପୂରଣ କରିବା ଦିଗରେ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିକ୍ଷା ଅଧିକାରୀ ଯତ୍ନବାନ ହେବା ନିମନ୍ତେ ଅଭିଭାବକ ମହଲରେ ଦାବି ହେଉଛି। ଏଥିସହିତ ଉକ୍ତ ବ୍ଲକଗ୍ରାଣ୍ଟ ଫୁଲମତୀ ହେମ୍ବ୍ରମ ଉଚ୍ଚ ବିଦ୍ୟାଳୟକୁ ସମ୍ପୂର୍ଣ୍ଣ ସରକାରୀକରଣ କରାଯିବା ନିମନ୍ତେ ଶରତ ବିକାଶ ମଞ୍ଚ ପକ୍ଷରୁ ନିବେଦନ କରାଯାଇଛି।

## ସ୍ତ୍ରୀ ପାଇଁ ଆଣିଥିବା ନୂଆ ଶାଢ଼ିରେ ଯୁବକଙ୍କ ଆତ୍ମହତ୍ୟା

**କପ୍ତିପଦା,୨୧।୬ (ସମିସ):** ସକାଳୁ ଏକ ଦୁଃଖଦ ଖବର ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଥାନା ଅଞ୍ଚଳରୁ ଆସିଛି। କପ୍ତିପଦା ଥାନା ଅନ୍ତର୍ଗତ ବାଘିଆଗଡ଼ି ଗ୍ରାମର କାହ୍ନା ହେମ୍ବ୍ରମ ସ୍ତ୍ରୀ ପାଇଁ ଆଣିଥିବା ନୂଆ ଶାଢିରେ ଫାସୀ ଦେଇ ଆତ୍ମହତ୍ୟା କରିଛନ୍ତି।



ବାଘିଆଗଡି ଗ୍ରାମର ଜଗନ୍ନାଥ ହେମ୍ବ୍ରମଙ୍କ ପୁଅ କାହ୍ନା ହେମ୍ବ୍ରମ (୨୪) ଖୁଣ୍ଟା ଥାନା ଅଧୀନସ୍ଥ ଭୋଳାଗଡ଼ିଆ ପଞ୍ଚାୟତର ନୂଆଗାଁ ଗ୍ରାମର ବୁଧୁ ସିଂଙ୍କ ଝିଅ ପାର୍ବତୀ ସିଂଙ୍କୁ ଗତ ୭ ଦିନ ତଳେ ଭଲ ପାଇ ଘରକୁ ନେଇ ଆସିଥିଲେ। କାହ୍ନା ହେମ୍ବ୍ରମ ସାନ୍ତାଳୀ ସମ୍ପ୍ରଦାୟର ହୋଇଥିବାବେଳେ ପାର୍ବତୀ ସିଂ କୋହ୍ଲ ସମ୍ପ୍ରଦାୟର ଥିଲେ। ତେବେ ଜଣେ କୋହ୍ଲ ସମ୍ପ୍ରଦାୟର ଝିଅ ସାନ୍ତାଳୀ ସମ୍ପ୍ରଦାୟକୁ ଆସିବା ପାଇଁ ହେଲେ ସାନ୍ତାଳୀ ସମ୍ପ୍ରଦାୟର ପ୍ରଥା ଅନୁସାରେ ଗ୍ରାମକୁ ୩ ହଜାର ଟଙ୍କା, ଗୋଟିଏ ବୋଦା, ଗୋଟିଏ କୁକୁଡ଼ା ଗଞ୍ଜା ଓ ଅନ୍ୟାନ୍ୟ ପୂଜା ସାମଗ୍ରୀ ଦେବା ସହ ଗ୍ରାମବାସୀଙ୍କୁ ଭୋଜି, ହାଣ୍ଡିଆ ହାଣ୍ଡି ଦେବା ପାଇଁ ଗ୍ରାମର ମୁଖିଆ କହିଥିଲେ। କାହ୍ନାଙ୍କ ବଡ଼ଭାଇ ଝିଅର ପରିବାରକୁ ଦୁଇ ଲକ୍ଷ ଟଙ୍କା ଦାବି କରିଥିଲେ। କାହ୍ନା ଜଣେ ଶ୍ରମିକ ଶ୍ରେଣୀର ହୋଇଥିବାବେଳେ ଗ୍ରାମ ନିକଟରେ ଥିବା ଏକ ଟ୍ରାକ୍ଟରରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଗତକାଲି କପ୍ତିପଦାର ସାପ୍ତାହିକ ହାଟ ଥିବା ଯୋଗୁଁ ଗାଡ଼ି ମାଲିକ ତାଙ୍କ କାମର ପାଉଣା ଦେଇଥିଲେ। ତେବେ କାହ୍ନା ଗାଡି ମାଲିକଙ୍କଠାରୁ ନିଜର ପାରିଶ୍ରମିକ ଟଙ୍କା ପାଇବା ପରେ ପତ୍ନୀଙ୍କ ପାଇଁ ହାଟରୁ ଏକ ନୂଆ ଶାଢ଼ୀ କିଣିବା ସହ ହାଟରୁ ମାଛ ନେଇ ଘରକୁ ଯାଇଥିଲେ। ଶ୍ରଦ୍ଧାରେ ପତ୍ନୀଙ୍କୁ ଶାଢ଼ୀ ଦେଇ ମାଛ ଭାଜିବା ପାଇଁ କହିଥିଲେ। ଶାଢ଼ିକୁ ଉଭୟ ଦେଖି ଘର ଭିତରେ ରଖିଥିଲେ। ସ୍ତ୍ରୀ ମାଛ ଭାଜିବା ପରେ ଜଗନ୍ନାଥ ଉକ୍ତ ମାଛ ଭଜା ଖାଇଥିଲେ। ହଠାତ କାହ୍ନା ଘରେ ପଶି ଭିତରୁ କବାଟ ବନ୍ଦ କରି ସ୍ତ୍ରୀ ପାଇଁ ଆଣିଥିବା ନୂଆ ଶାଢ଼ୀରେ ବେକରେ ଫାସୀ ଦେଇ ଝୁଲି ପଡ଼ିଥିଲେ। ଘର ଲୋକ କବାଟ ଭାଙ୍ଗି କାହ୍ନାଙ୍କୁ ଉଦ୍ଧାର କରି ଉଦଳା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର କାହ୍ନାଙ୍କୁ ମୃତ ଘୋଷଣା କରିଥିଲେ। କପ୍ତିପଦା ପୁଲିସ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଉଦଳା ମେଡିକାଲ ପଠାଇ ତଦନ୍ତ କରୁଛି।

## ନୂଆଦିଲ୍ଲୀରେ ରାଷ୍ଟ୍ରପତିଙ୍କ ଜନ୍ମଦିନ ପାଳିତ



**ବାରିପଦା, ୨୧।୬(ସମିସ):** ଜନଗଣ କଲ୍ୟାଣ ଟ୍ରଷ୍ଟ ପକ୍ଷରୁ ନୂଆଦିଲ୍ଲୀସ୍ଥ ଭାରତୀୟ ଆଦିମ ଜାତି ସେବକ ସଂଘଠାରେ ରାଷ୍ଟ୍ରପତିଙ୍କ ଜନ୍ମଦିନ ଆଡମ୍ବରପୂର୍ଣ୍ଣ ଭାବେ ପାଳନ କରାଯାଇଛି। ଏ ଅବସରରେ ରାଷ୍ଟ୍ରପତିଙ୍କ ଜୀବନ ସଂଘର୍ଷ ଓ ଦେଶ ପ୍ରତି ଥିବା ତାଙ୍କର ଅବଦାନକୁ ସ୍ମରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଡ ମିନାକ୍ଷୀ ହେମ୍ବ୍ରମ, ଡ ରବି କୁମାର ମୁର୍ମୁ, କୁଆଁର କିସ୍କୁ, ସୋମନାଥ ହାଁସଦା, ସୁଲୋଚନା ହାଁସଦା, ସିଙ୍ଗରାୟ ମୁର୍ମୁ ଓ ବାରିଶା କିସ୍କୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ରାଷ୍ଟ୍ରପତିଙ୍କ ଜନ୍ମଦିନ ଉପଲକ୍ଷେ କେକ୍ କଟାଯାଇଥିଲା। ଉପସ୍ଥିତ ସମସ୍ତେ ମହାମହିମଙ୍କ ସୁସ୍ୱାସ୍ଥ୍ୟ, ଦୀର୍ଘାୟୁ ଓ ଉଜ୍ଜ୍ୱଳ ଜୀବନ କାମନା କରିଥିଲେ।

### ରୋମାନିଆ ବିଶ୍ୱ ଥିଏଟର ଫେଷ୍ଟିଭାଲରେ ନାଟକ ପରିବେଷଣ

## କିସ୍ ବିଦ୍ୟାଳୟ ପକ୍ଷରୁ କିଷ୍ଟ ଜନଜାତି ଛାତ୍ରଛାତ୍ରୀଙ୍କ ସମ୍ବର୍ଦ୍ଧନା



**ବାରିପଦା, ୨୧।୬(ସମିସ):** ୟୁରୋପର ରୋମାନିଆରେ ବିଶ୍ୱ ଥିଏଟର ଫେଷ୍ଟିଭାଲ ଅବସରରେ ଇଂରାଜୀ ସାହିତ୍ୟ ଜଗତର ସୁପ୍ରସିଦ୍ଧ ନାଟ୍ୟକାର ଉଇଲିଅମ ସେକସ୍ ପିଅରଙ୍କ ପ୍ରସିଦ୍ଧ ନାଟକ ରୋମିଓ ଜୁଲିଏଟ୍, ମେକବେଥ, ହାମଲେଟ ନାଟକ ପରିବେଷଣ କରି ଓଡ଼ିଶା ଓ ଭାରତ ପାଇଁ ଗୌରବ ଆଣିଥିବା କିଷ୍ଟ ବିଶ୍ୱିଦ୍ୟାଳୟର ଜନଜାତି ଛାତ୍ରଛାତ୍ରୀ ଭୁବନେଶ୍ୱରରୁ ସ୍ୱତନ୍ତ୍ର ବସ୍‌ରେ ଆସି କିସ୍ ବାରିପଦା ବିଦ୍ୟାଳୟରେ ରାତ୍ରୀଯାପନ କରିବା ସହ କ୍ୟାମ୍ପସ ବୁଲିଥିଲେ। ଏ ଅବସରରେ ସେମାନଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପ୍ରତିଷ୍ଠାତା ଡଃ ଅଚ୍ୟୁତ ସାମନ୍ତଙ୍କ ମାର୍ଗଦର୍ଶନ ଓ ପ୍ରେରଣା କ୍ରମେ କିଷ୍ଟ ଜନଜାତି ଛାତ୍ରଛାତ୍ରୀ ବିଶ୍ୱ ଦରବାରରେ ସାନ୍ତାଳୀ ଭାଷାରେ ନାଟକ ପରିବେଷଣ କରି ଇତିହାସ ସୃଷ୍ଟି କରିଥିବାରୁ ପ୍ରଧାନଶିକ୍ଷକ ଗଣେଶ ମିଶ୍ର ପ୍ରତିଷ୍ଠାତାଙ୍କୁ କୃତଜ୍ଞତା ଜଣାଇବା ସହ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଦ୍ୱାରା ଉଦ୍ଭାବନ ହୋଇଥିବା ସାନ୍ତାଳୀ ଲିପି ଅଲଚିକିର ଶହେ ବର୍ଷ ପୂର୍ତ୍ତି ଅବସରରେ ଏହା ଗୁରୁ ଗମକେ ପଣ୍ଡିତ ମୁର୍ମୁଙ୍କ ପାଇଁ ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି ଶ୍ରୀ ମିଶ୍ର କହିଥିଲେ। ଉକ୍ତ କାର୍ଯ୍ୟକ୍ରମ ଆୟୋଜନରେ ବିଦ୍ୟାଳୟର ଅତିରିକ୍ତ ନୋଡାଲ ଅଫିସର ଜାଗ୍ରତ ସାହୁ, ଅତିରିକ୍ତ ଉନ୍ନୟନ ଅଧିକାରୀ ସ୍ମୃତିରଞ୍ଜନ ରାୟ, ମାହି ଟୁଡୁ, କାଶୀନାଥ ମୁର୍ମୁ, ଚମ୍ପାମଣି ସୋରେନ, ରତିକାନ୍ତ ନାୟକ, ଅଭିରାମ ସୋରେନ, ବିକାଶ ମହାନ୍ତ, ଦେବଦତ୍ତ ଦିଗାର, ଶ୍ୟାମାପଦ ନନ୍ଦ ପ୍ରମୁଖ ସହଯୋଗ କରିଥଲେ।

### ମ୍ୟୁନିସିପାଲଟି ଅବସରପ୍ରାପ୍ତ କର୍ମଚାରୀ ସଂଘ ବୈଠକ

## ଟ୍ରେଜେରୀ ମାଧ୍ୟମରେ ପେନ୍‌ସନ୍ ପ୍ରଦାନ ଦାବି



**ବାରିପଦା, ୨୧।୬(ସମିସ):** ସ୍ଥାନୀୟ ମ୍ୟୁନିସିପାଲିଟି ମଣ୍ଡପରେ ବାରିପଦା ମ୍ୟୁନିସିପାଲଟି ଅବସରପ୍ରାପ୍ତ କର୍ମଚାରୀ ସଂଘର କାର୍ଯ୍ୟକାରିଣୀ କମିଟି ବୈଠକ ସଂଘର ସଭାନେତ୍ରୀ ତାରାମଣି ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ପରଲୋକ ଗମନ କରିଥିବା ସଂଘର ଦୁଇଜଣ ସଦସ୍ୟ ରମାକାନ୍ତ ସାମଲ ଓ ସୁଦର୍ଶନ ପଟ୍ଟନାୟକଙ୍କ ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା। ସଂଘର ଉପଦେଷ୍ଟା ନନ୍ଦକୁମାର ମହାପାତ୍ର ପ୍ରାରମ୍ଭିକ ସୂଚନା ଦେବା ପରେ ସମ୍ପାଦକ ଉତ୍କଳ କୁମାର ବେହେରା ପୂର୍ବ ବିବରଣୀ ଉପସ୍ଥାପନ କରିଥିଲେ। ବୈଠକରେ ମୁଖ୍ୟତଃ ତିନୋଟି ବିଷୟରେ ଆଲୋଚନା ହୋଇଥିଲା। ପୌର ନିର୍ବାଚନ ପୂର୍ବରୁ ସମସ୍ତ ପୌର ଅବସରପ୍ରାପ୍ତ କର୍ମଚାରୀଙ୍କୁ ଟ୍ରେଜେରୀ ଜରିଆରେ ପେନସନ୍ ଦେବାକୁ ନଗର ଉନ୍ନୟନ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଦ୍ୱିତୀୟରେ ସରକାର ଘୋଷଣା କରିଥିବା ଗ୍ରାଚୁଇଟିକୁ ନିୟମିତ କରିବାକୁ ଓ ତୃତୀୟରେ ସଂଘକୁ ମ୍ୟୁନିସିପାଲିଟି ପକ୍ଷରୁ ଏକ ଅଫିସ ଗୃହ ପ୍ରଦାନ କରାଯିବାକୁ ଦାବି କରାଯାଇଛି। ହାଡ୍ଡୁବନ୍ଧୁ ପଣ୍ଡା, ଉମାକାନ୍ତ ଦେ, ଅନୁପ କୁମାର ଗିରି, ନୃସିଂହ ବାରିକ, ବିଜୟ କୁମାର ମହାକୁଡ଼, ରାମଚନ୍ଦ୍ର ପଣ୍ଡା, ପଙ୍କଜ କୁମାର ମହାନ୍ତି, ଜଗନ୍ନାଥ ଆଚାର୍ଯ୍ୟ ଓ କହ୍ନେଇ ଚରଣ ମୁଖୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### କଡ଼ା ସୁରକ୍ଷା ମଧ୍ୟରେ ନିଟ୍ ପରୀକ୍ଷା

## ୫ କେନ୍ଦ୍ରରେ ୨୧୧୨ ପରୀକ୍ଷାର୍ଥୀ

**ବାରିପଦା, ୨୧।୬(ସମିସ):** ମୟୂରଭଞ୍ଜ ଜିଲ୍ଲାରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଓ କଡ଼ା ଚେକିଂ ମଧ୍ୟରେ ନିଟ୍-ୟୁଜି ପରୀକ୍ଷା ଶାନ୍ତିପୂର୍ଣ୍ଣ ଭାବେ ହୋଇଛି। ଜିଲ୍ଲାର ସମୁଦାୟ ୫ଟି ପରୀକ୍ଷା କେନ୍ଦ୍ରରେ ୨,୧୧୨ ଜଣ ପରୀକ୍ଷାର୍ଥୀ ଏହି ପରୀକ୍ଷା ଦେଇଛନ୍ତି। ପରୀକ୍ଷା ପ୍ରକ୍ରିୟାକୁ ସ୍ୱଚ୍ଛ ଓ ଶୃଙ୍ଖଳିତ କରିବା ପାଇଁ ଜିଲ୍ଲା ପ୍ରଶାସନ ଓ ଶିକ୍ଷା ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଜିଲ୍ଲା ପ୍ରଶାସନର ସୂଚନା ଅନୁଯାୟୀ, ମୋଟ ୫ଟି କେନ୍ଦ୍ର ମଧ୍ୟରୁ ବାରିପଦା ସହରରେ ୪ଟି ଓ ରାଇରଙ୍ଗପୁରରେ ଗୋଟିଏ କେନ୍ଦ୍ର କରାଯାଇଥିଲା। ବାରିପଦା ଲକ୍ଷ୍ମୀପୋଷୀସ୍ଥ କେନ୍ଦ୍ରୀୟ ବିଦ୍ୟାଳୟ-୧ ଓ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ୪୮୦ ଜଣ ଲେଖାଏଁ ପରୀକ୍ଷାର୍ଥୀ ପରୀକ୍ଷା ଦେବାର ବ୍ୟବସ୍ଥା ହୋଇଥିବାବେଳେ ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟରେ ୪୬୦ ଜଣ ଓ ଏମପିସି ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ୨୮୮ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସେହିପରି ରାଇରଙ୍ଗପୁର ମହାବିଦ୍ୟାଳୟରେ ୪୦୪ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ଅପରାହ୍ନ ୨ଟାରୁ ୫ଟା ୧୫ମିନିଟ ପର୍ଯ୍ୟନ୍ତ ପରୀକ୍ଷା ହୋଇଥିବାବେଳେ ଜିଲ୍ଲା ମ୍ୟାଜିଷ୍ଟ୍ରେଟ୍ ତଥା ଜିଲ୍ଲାପାଳ ଓ ଅନ୍ୟାନ୍ୟ



ଅଧିକାରୀ ପରୀକ୍ଷା କେନ୍ଦ୍ରରେ ସମସ୍ତ ସୁରକ୍ଷା ଓ ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରିଥିଲେ। ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରିବା ପୂର୍ବରୁ ସମସ୍ତ ପରୀକ୍ଷାର୍ଥୀଙ୍କୁ ତ୍ରିସ୍ତରୀୟ କଡ଼ା ସୁରକ୍ଷା ଯାଞ୍ଚ ଦେଇ ଗତି କରିବାକୁ ପଡ଼ିଥିଲା। ନିୟମିତ ଗାଇଡଲାଇନ ଅନୁଯାୟୀ କେବଳ ବୈଧ ଦସ୍ତାବିଜ୍ ସହ ପରୀକ୍ଷାର୍ଥୀଙ୍କୁ ଭିତରକୁ ଛଡ଼ାଯାଇଥିଲା। ସମଗ୍ର ପରିଚାଳନାର ତଦାରଖ ଦାୟିତ୍ୱରେ ଥିବା ମାଜିଷ୍ଟ୍ରେଟ୍ ସୂଚନା ଦେଇଛନ୍ତି ଯେ, ପରୀକ୍ଷାର୍ଥୀଙ୍କ ସୁବିଧା ପାଇଁ କେନ୍ଦ୍ରଗୁଡ଼ିକରେ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ସହ ସ୍ୱତନ୍ତ୍ର ସୁରକ୍ଷା ବଳ ମୁତୟନ କରାଯାଇଥିଲା। ଚଳିତ ବର୍ଷ କେତେକ କାରଣରୁ ପରୀକ୍ଷା ବିଳମ୍ବରେ ହେଉଥିଲେ ମଧ୍ୟ ପରୀକ୍ଷାର୍ଥୀଙ୍କ ମନୋବଳରେ କୌଣସି ହ୍ରାସ ଦେଖିବାକୁ ମିଳି ନ ଥିଲା। କେନ୍ଦ୍ର ବାହାରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଫଳତା ହାସଲ କରିବାର ଦୃଢ଼ ଇଚ୍ଛାଶକ୍ତି ଓ ପ୍ରବଳ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଜିଲ୍ଲାର ସମସ୍ତ କେନ୍ଦ୍ରରେ ପରୀକ୍ଷା ସମ୍ପୂର୍ଣ୍ଣ ଶାନ୍ତିଶୃଙ୍ଖଳାର ସହ ସମାପ୍ତ ହୋଇଥିବା ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏହି ନିଟ୍ ପରୀକ୍ଷା ମାଧ୍ୟମରେ ମେଡିକାଲ୍, ଡେଣ୍ଟାଲ୍ ଓ ଅନ୍ୟାନ୍ୟ ପେଶାଗତ ପାଠ୍ୟକ୍ରମରେ ପ୍ରବେଶ ପାଇଁ ଛାତ୍ରଛାତ୍ରୀ ପ୍ରସ୍ତୁତ ହୋଇଛନ୍ତି। ଗତ ମେ ମାସ ୩ ତାରିଖରେ ଅନୁଷ୍ଠିତ ଏହି ପରୀକ୍ଷାର ପ୍ରଶ୍ନ ପତ୍ର ପ୍ରଘଟ ପାଇଁ ଜାତୀୟ ପରୀକ୍ଷଣ ସଂସ୍ଥା (ଏନଟିଏ) ପରୀକ୍ଷା ବାତିଲ କରିଥିଲା।

## ଚିତ୍ରାକ୍ଷୀ ନାୟକ ହେଲେ ରଜ କୁଇନ୍



**ବାରିପଦା, ୨୧।୬(ସମିସ):** ସ୍ଥାନୀୟ ଅଗ୍ରଣୀ ନାଟ୍ୟାନୁଷ୍ଠାନ ଗୁରୁକୁଳ ଡ୍ୟାନ୍ସ ଆଣ୍ଡ ଭିଜୁଆଲ ଏକାଡେମୀ ତରଫରୁ ସ୍ଥାନୀୟ ମା' ଅମ୍ବିକା ମନ୍ଦିର ନିକଟସ୍ଥ ଶିଶୁ ଉଦ୍ୟାନଠାରେ ରଜ ମଉଜର ପ୍ରତିଷ୍ଠାତା ଲିଟନ ପଟ୍ଟନାୟକ, ସମ୍ପାଦକ ପ୍ରେମଜିତ ଦାସଙ୍କ ତତ୍ତ୍ୱାବଧାନରେ ଚାଲିଥିବା ତିନିଦିନିଆ ରଜ ମଉଜ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ ସଭାପତି ଜିତେନ୍ଦ୍ର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଚିତ୍ରାକ୍ଷୀ ନାୟକ ରଜ କୁଇନ୍ ମନୋନୀତ ହୋଇଛନ୍ତି। ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳ ସଚିବ କୁକୁମିନା ଦାସ, ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ଡ ପୁଷ୍ପା ପାତ୍ର ଓ ଶ୍ରୀରାମଚନ୍ଦ୍ର ଭଞ୍ଜ ଡିଗ୍ରୀ କଲେଜର ଅଧ୍ୟକ୍ଷା ଡ ଅସୀମା ସାହୁ ରଜ କୁଇନର ବିଚାରକ ଭାବେ ଯୋଗଦେଇ ସଫଳତା ହାସଲ କରିଥିବା ପ୍ରତିଯୋଗୀଙ୍କୁ ମାନପତ୍ର ଓ ଫଳକ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଚଳିତ ବର୍ଷ ସେମେରୀ କନଭେଣ୍ଟ



ସ୍କୁଲର ଷଷ୍ଠ ଶ୍ରେଣୀ ଛାତ୍ରୀ ଚିତ୍ରକ୍ଷୀ ନାୟକ ଚାମ୍ପିଅନ ହୋଇଥିବାବେଳେ ସ୍ୱୟଂସ୍ୱାତୀ ବେହେରା ପ୍ରଥମ ରନର୍ସଅପ୍ ଓ ଶୁଭମ୍‌ଜ୍ୟୋତି ବେହେରା ଦ୍ୱିତୀୟ ରନର୍ସ ଅପ୍ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଇଂରାଜୀ ପ୍ରାଧ୍ୟାପକ ସୁନୀଲ ଜେନାଙ୍କ ପରିଚାଳନାରେ ବରିଷ୍ଠ ଅଭିନେତା ଅସିତ ପତି, ପ୍ରଯୋଜକ ଉମେଶ ବାରିକ, ନିର୍ଦ୍ଦେଶକ ସଞ୍ଜୀବ ଦ୍ୱିବେଦୀ ଯୋଗଦେଇ ଓଡ଼ିଶାର ସୁପରହିଟ୍ ପ୍ରଯୋଜକ ହିମାଦ୍ରୀ ତନୟ ଦାସ ଓ ସ୍ୱନାମଧନ୍ୟ ନିର୍ଦ୍ଦେଶକ ଜିତୁ ରାଉତଙ୍କୁ ମାନପତ୍ର, ଫଳକ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସତ୍ୟସ୍ୱରୂପ ଦାଶ, ସୁଦର୍ଶନ ସାହୁ, ତାପସୀ ବାରିକ, ସୁରଜ କୁମାର, ଅଭିନବ ଦାସ, ଦୀପକ ଦାସ, ଜନ୍ ବେହେରା, ମୁନୁ ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସାପ କାମୁଡ଼ାରେ ନାବାଳକ ମୃତ

**କରଞ୍ଜିଆ/ଶରତ/ଠାକୁରମୁଣ୍ଡା, ୨୧।୬ (ସମିସ):** ଠାକୁରମୁଣ୍ଡା ବ୍ଲକ ପଡିଆବେଡ ଚଟ୍ରିସାହିରେ ଶନିବାର ରାତିରେ ଶୋଇଥିବାବେଳେ ସାପ କାମୁଡ଼ିବାରୁ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ସାଲହାୟ ହେମ୍ବ୍ରମଙ୍କ ପୁଅ ଭାଗୀରଥି ହେମ୍ବ୍ରମ (୧୪)। ଭାଗୀରଥିକୁ କରଞ୍ଜିଆ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

## କରପଦାରେ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ଓ ମକ୍‌ଡ୍ରିଲ୍



**କପ୍ତିପଦା,୨୧।୬(ସମିସ):** କପ୍ତିପଦା ବ୍ଲକ ପେଡାଗଡ଼ି ପଞ୍ଚାୟତର କରପଦାରେ ଥିବା ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀରେ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ପ୍ରସ୍ତୁତି ଓ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ଜିଲ୍ଲା ଜରୁରିକାଳୀନ କାର୍ଯ୍ୟାଳୟ ପକ୍ଷରୁ ପ୍ରସ୍ତୁତି ବୈଠକ ଓ ବନ୍ୟା ବାତ୍ୟା ଆଶ୍ରୟସ୍ଥଳୀରେ ଅଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପେଡାଗଡ଼ି ସରପଞ୍ଚ ମନୋରଞ୍ଜନ ଡାକୁଆଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭା ଆୟୋଜନ କାରାଯାଇ ପୂର୍ବ ପ୍ରସ୍ତୁତି ଓ ଅଭ୍ୟାସ ପ୍ରଦର୍ଶନ ହୋଇଯାଇଥିଲା। ଏବିଡିଓ ବିଦ୍ୟାଭରତୀ ନାଏକ, ଜିପଡିଓ ଜୀବନଜ୍ୟୋତି ବଳ, ଅଗ୍ନି ନିରାପତ୍ତା ବାହିନୀର ଟିମ ଲିଡର ଲକ୍ଷ୍ମୀକାନ୍ତ ନାଏକ, ପବିତ୍ର ଶଙ୍ଖୁଆ, ନରୋତ୍ତମ ଦାସ, ସୌମ୍ୟରଞ୍ଜନ ମହାନ୍ତି, ମନୋରଞ୍ଜନ ଗାଆଣ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଦାସମାତ ମୁର୍ମୁ, ଆଡ଼ଭୋକେଟ କ୍ଲର୍କ ରାମଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ସମ୍ଭାବ୍ୟ ବାତ୍ୟା, ବନ୍ୟା, ବଜ୍ରପାତ ଓ ଅନ୍ୟାନ୍ୟ ବିପର୍ଯ୍ୟୟ ସମୟରେ ଭୟଭୀତ ନ ହୋଇ ଧନଜୀବନ ସୁରକ୍ଷା ଓ ଉତ୍ତମ ପରିଚାଳନା ପାଇଁ ଉପସ୍ଥିତ ଗ୍ରାମବାସୀ, ସ୍ୱାସ୍ଥ୍ୟ କର୍ମୀ, ଅଙ୍ଗନବାଡି, ଆଶା, ଯୁବ ଗୋଷ୍ଠୀ ଓ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ବିପର୍ଯ୍ୟୟ ସମୟରେ ନିଜକୁ ସୁରକ୍ଷିତ ରଖି ମିଳିତ ଭାବେ କାର୍ଯ୍ୟ କରିବା, ଆଶ୍ରୟସ୍ଥଳୀ ପରିଚାଳନା, ଉଦ୍ଧାର ଓ ଥଇଥାନରେ ସହଯୋଗ, ସରକାରଙ୍କ ସତର୍କତାମୂଳକ ଉପଦେଶ ମାନିବାକୁ ପଡିବ। କପ୍ତିପଦା ଅଗ୍ନିଶମ ସେବା ବାହିନୀ ଦ୍ୱାରା ସାପ କାମୁଡ଼ାରୁ ରକ୍ଷା, ପାଣିରେ ବୁଡିଯିବାରୁ ଉଦ୍ଧାର ଓ ସୁରକ୍ଷା, ବଜ୍ରପାତରୁ ରକ୍ଷା, ବନ୍ୟା ଓ ବାତ୍ୟାରୁ ଉଦ୍ଧାର, ଥଇଥାନ, ଆହତ ବ୍ୟକ୍ତିଙ୍କ ଉଦ୍ଧାର, କୃତ୍ରିମ ଶ୍ୱାସକ୍ରିୟାଜନିତ ଅଭ୍ୟାସ ଇତ୍ୟାଦିର କୌଶଳ ପ୍ରଦର୍ଶନ କରାଯାଇଥିଲା। ସାମାଜିକ କର୍ମୀ ଆଶିଷ ମଲ୍ଲିକ ଆଭିମୁଖ୍ୟ ପ୍ରଦାନ କରିଥିବାବେଳେ ଆଶ୍ରୟସ୍ଥଳୀର ସମ୍ପାଦକ ଅଜୟ ନାୟକ ଧନ୍ୟବାଦ ଦେଇଥିଲେ। ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଆରମ୍ଭ'ର ସମ୍ପାଦକ ଦେବାଶିଷ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ବିଚ୍ଛିନ୍ନାଞ୍ଚଳ କଲେଜ ନାମଲେଖା ତାଲିକାରୁ ଓଡ଼ିଆ ବାଦ୍

## ଷଢ଼େଇକଳା କାଶୀ ସାହୁ କଲେଜରେ ଉତ୍ତେଜନା

ବାରିପଦା, ୨୧।୬(ସମିସ)

ଝାଡ଼ଖଣ୍ଡର ଷଢ଼େଇକଳାସ୍ଥ କାଶୀ ସାହୁ କଲେଜର ନବମୁକ୍ତ ନାମଲେଖା ତାଲିକାରୁ ଓଡ଼ିଆ ଭାଷା ବାଦ୍ ପଡ଼ିବା ପରେ ବିଚ୍ଛିନାଞ୍ଚଳର ଓଡ଼ିଆ ଭାଷାଭାଷୀ ଛାତ୍ର ଓ ସମାଜରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିବାବେଳେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଛି। ସାମାଜିକ କର୍ମୀ ଜଳେଶ କବି ଏହି ନିଷ୍ପତ୍ତିର ତୀବ୍ର ନିନ୍ଦା କରିଛନ୍ତି। ସେ କହିଛନ୍ତି, କଲେଜ ପ୍ରଶାସନ ପକ୍ଷରୁ ପ୍ରକାଶ ପାଇଥିବା ନାମଲେଖା ତାଲିକାରେ ୧୮ ଟି ବିଷୟ ରହିଥିବାବେଳେ ଓଡ଼ିଆ ଭାଷାକୁ ବାଦ୍ ଦିଆଯାଇଛି। ଯାହାକି ଏହି କଲେଜର ଇତିହାସରେ ପ୍ରଥମ ଘଟଣା। କଲେଜ ପ୍ରତିଷ୍ଠା କାଳରୁ ଏଠାରେ ଓଡ଼ିଆ ବିଷୟ ପଢ଼ା ଯାଉଥିବାବେଳେ ବିଚ୍ଛିନ୍ନାଞ୍ଚଳର ଓଡିଆ ଛାତ୍ରଛାତ୍ରୀ ନିଜ ମାତୃଭାଷାରେ ପାଠ ପଢ଼ିଆସୁଥିଲେ। ମାତ୍ର ଏପରି ନିଷ୍ପତ୍ତି ମର୍ମାହତ କରିଛି। ଶ୍ରୀ କବି କହିଛନ୍ତି, ଓଡ଼ିଆ ଭାଷାର ଯୋଗ୍ୟ ଅଧ୍ୟାପକ ଉପଲବ୍ଧ ଥିବା ସତ୍ତ୍ୱେ ଏହାକୁ ବନ୍ଦ କରିବାର କୌଣସି ଯୁକ୍ତି ନାହିଁ। ସେ ଆହୁରି କହିଛନ୍ତି ଯେ, ସିଂହଭୂମ ଅଞ୍ଚଳ, ବିଶେଷକରି ଷଢେଇକଳା ଓ ଖରସୁଆଁ ଜିଲ୍ଲାରେ ବହୁ ସଂଖ୍ୟକ ଓଡ଼ିଆ ଭାଷାଭାଷୀ ଲୋକ ରହୁଛନ୍ତି। ଓଡ଼ିଆ ଏହି ଅଞ୍ଚଳର ଶିକ୍ଷା ଓ ସାଂସ୍କୃତିକ ପରିଚୟର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ସ୍ଥାନୀୟ ବାସିନ୍ଦାଙ୍କ ମତରେ ମାତୃଭାଷାରେ ଉଚ୍ଚଶିକ୍ଷା ପାଇବାର ଅଧିକାରକୁ ଛଡ଼ାଇନେବା ଛାତ୍ରଛାତ୍ରୀଙ୍କ ଭାଷା ଓ ଶିକ୍ଷାଗତ ଅଧିକାରକୁ କ୍ଷୁର୍ଣ୍ଣ କରୁଛି। ଜଳେଶ କବି ସ୍ପଷ୍ଟ କରିଛନ୍ତି ଯେ, ସେ ଅନ୍ୟ ୧୮ ଟି ବିଷୟକୁ ବିରୋଧ କରୁନାହାନ୍ତି, କେବଳ ଓଡ଼ିଆ ଭାଷା ପଢ଼ିବାର ବ୍ୟବସ୍ଥା ପୁନଃ ପ୍ରତିଷ୍ଠା ପାଇଁ ଦାବି କରୁଛନ୍ତି। କାଶୀ ସାହୁ କଲେଜ ଅଧ୍ୟକ୍ଷ, କୋଲହାନ୍ ବିଶ୍ୱବିଦ୍ୟାଳୟ ଓ ଝାଡ଼ଖଣ୍ଡ ଉଚ୍ଚଶିକ୍ଷା ବିଭାଗଙ୍କୁ ଆବେଦନ କରିଥିବା ଜଣାପଡ଼ିଛି। ସେମାନଙ୍କୁ ନିଷ୍ପତ୍ତିର ପୁନର୍ବିଚାର କରି ଓଡ଼ିଆ ଭାଷା ପଢ଼ିବାର ବ୍ୟବସ୍ଥା ତୁରନ୍ତ ପୁନଃ ଚାଲୁ କରିବାକୁ ଅନୁରୋଧ କରାଯାଇଛି। ଓଡ଼ିଆ ଭାଷାଭାଷୀ ଛାତ୍ର ଓ ସମାଜ ସଦସ୍ୟମାନେ ଚେତାବନୀ ଦେଇଛନ୍ତି ଯେ ଯଦି ତାଙ୍କର ଦାବି ଶୀଘ୍ର ପୂରଣ ନ ହୁଏ, ତେବେ ସେମାନେ ଶାନ୍ତିପୂର୍ଣ୍ଣ ଗଣତାନ୍ତ୍ରିକ ଆନ୍ଦୋଳନ ଆରମ୍ଭ କରିବେ।



काशी साहू महाविद्यालय, सरायकेला में निम्नलिखित विषयों में नामांकन लिया जाएगा -

| क्र. सं. | विषय | उपलब्ध सीटों की संख्या |
|---|---|---|
| 1 | वाणिज्य (Commerce) | 180 |
| 2 | अर्थशास्त्र (Economics) | 120 |
| 3 | भौतिकी (Physics) | 60 |
| 4 | रसायन विज्ञान (Chemistry) | 60 |
| 5 | गणित (Mathematics) | 60 |
| 6 | जीव विज्ञान (Life Science) | 120 |
| 7 | भूगोल (Geography) | 120 |
| 8 | बी.एस.सी. (आई. टी.) B. Sc. (I.T.) | 120 |
| 9 | राजनीतिक विज्ञान (Political Science) | 180 |
| 10 | इतिहास (History) | 180 |
| 11 | दर्शन शास्त्र (Philosophy) | 60 |
| 12 | हिन्दी (Hindi) | 180 |
| 13 | अंग्रेजी (English) | 120 |
| 14 | संस्कृत (Sanskrit) | 60 |
| 15 | संथाली (Santhali) | 60 |
| 16 | हो (Ho) | 60 |
| 17 | कुड़माली (Kurmali) | 60 |
| | कुल सीटों की संख्या | 1800 |

Principal-in-Charge
K. S. College

## ନଦୀରେ ବୁଡ଼ି ଯୁବକ ମୃତ

**କପ୍ତିପଦା,୨୧।୬(ସମିସ):** କପ୍ତିପଦା ବ୍ଲକ୍ ନୁଦଡ଼ିହା ପଞ୍ଚାୟତର ପୋଟଲଡ଼ିହା ଗ୍ରାମସ୍ଥ କଣ୍ଡାଳ ନଦୀରେ ବୁଡ଼ିଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ଗୋପିନାଥ ସୋରେନଙ୍କ ପୁଅ ଅନ୍ତୁ ସୋରେନ୍ (୩୫)। ଆଜି ଅପରାହ୍ନରେ ଯୁବକ ଜଣକ ନଦୀକୁ ଗାଧୋଇବାକୁ ଯାଇଥିଲେ। ମାତ୍ର ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକ ତାଙ୍କୁ ଖୋଜାଖୋଜି କରି ପାଇ ନ ଥିଲେ। ସ୍ଥାନୀୟ ଲୋକ ଅନ୍ତୁ ପାଣିରେ ଭାସୁଥିବା ଦେଖି ପରିବାର ଓ ଅଗ୍ନିଶମ ସେବା ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ସେବା କର୍ମଚାରୀ ପହଞ୍ଚି ଅନ୍ତୁଙ୍କୁ ଉଦ୍ଧାର କରି ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ କପ୍ତିପଦା ଥାନରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

